DR Case ନଂ -05/2025

ଫର୍ମ ନମ୍ବର -III

ପି.ଆର ନଂ- 5284

ତା.

ନିୟମ ୫ (୪) ଦ୍ରଷ୍ଟବ୍ୟ

## ମହକାମେ ଶ୍ରୀମାନ ତହସିଲଦାର ଙ୍କ କାର୍ଯ୍ୟାଳୟ, ବଲାଙ୍ଗିର

## ଘୋଷଣା

ମୌଜା 'ବଲାଙ୍ଗିର ଗ' ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୌଜା- 'ବଲାଙ୍ଗିର ଗ' ଥାନା – ବଲାଙ୍ଗିର, ଜିଲ୍ଲା – ବଲାଙ୍ଗିର ର ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାର ମାର୍ଫତ ହାତିଶାଳପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଲାଙ୍ଗିରଙ୍କ ନାମରେ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ,ବଲାଙ୍ଗିର ଆବେଦନ କରିଛନ୍ତି। ଏହି ଜମିକୁ ରକ୍ଷିତ ଖାତାରୁ ଅନାବାଦି ଖାତାକୁ ପରିବର୍ତ୍ତନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏଥିରେ ଯଦି କାହାରି କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଘୋଷଣା ଜାରିହେବାର 15 ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜଲାସରେ ଟ. ୨୦/- (କୋଡିଏ ଟଙ୍କା) ମାତ୍ର କୋର୍ଟ 'ଫି' ଲଗାଇ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ ।

### ତଫସିଲଭୁକ୍ତ ଜମି

ମୌଜା-' ବଲାଙ୍ଗିର ଗ' ଥାନା- ବଲାଙ୍ଗିର ଥାନା ନମ୍ବର-154 ରାଜସ୍ୱ ସର୍କଲ- 'ବଲାଙ୍ଗିର'

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା (ଏକର ରେ ) | ମାର୍କ | ଆବଶ୍ୟକ ରକବା (ଏକର ରେ ) |
|---|---|---|---|---|---|
| 277 (ରକ୍ଷିତ) | 569 | ଘରବାରି ଦୁଇ | 0.328 | ପୁରା | 0.328 |
| ମୋଟ | **1 ପ୍ଲଟ** | | | | 0.328 |

ତହସିଲଦାର, ବଲାଙ୍ଗିର

ଏହାର ଏକକିତା ନକଲ ଜିଲ୍ଲା ୱେବ ସାଇଟ ରେ ପ୍ରକାଶନ ପାଇଁ District Information Officer, NIC, Balangir ଙ୍କୁ ପ୍ରେରଣ କରାଗଲା।

ଏହାର ଏକକିତା ନକଲ 'ବଲାଙ୍ଗିର ଗ' ଗ୍ରାମର କେନ୍ଦ୍ର ସ୍ଥଳରେ ଲଗାଇବା ପାଇଁ ଓ ଡାକ ବାଜି ଯନ୍ତ୍ର ମାଧ୍ୟମ ରେ ପ୍ରଚାର ପ୍ରସାର କରିବା ପାଇଁ ରାଜସ୍ୱ ନିରିକ୍ଷକ, ବଲାଙ୍ଗିରଙ୍କୁ ଆଦେଶ ଦିଆଗଲା ଓ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ରେ ବହୁଳ ପ୍ରଚାର ନିମନ୍ତେ ଦିଆଗଲା।

ଏହାର ଏକକିତା ନକଲ ବଲାଙ୍ଗିର ମ୍ୟୁନିସିପାଲିଟିଙ୍କୁ ବହୁଳ ପ୍ରଚାର ପ୍ରସାର ପାଇଁ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ଜିଲ୍ଲା ଶିକ୍ଷା ଅଧିକାରୀ, ବଲାଙ୍ଗିର ଙ୍କୁ ପ୍ରେରଣ କରାଗଲା।

ତହସିଲଦାର, ବଲାଙ୍ଗିର